## ଗୋହିରା ପଞ୍ଚାୟତ ଘେରିଲେ ଭାଜପା କର୍ମୀ

ଘସିପୁରା(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗୋହିରା ପଞ୍ଚାୟତରେ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ସାମିଲ କରାଯାଉ ନ ଥିବା ଅଭିଯୋଗ କରି ଶନିବାର ଭାଜପା ଯୁବ ମୋର୍ଚ୍ଚା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଜ୍ଞ ପ୍ରସାଦଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏକାଠି ହୋଇ ପ୍ରତିବାଦ ଜଣାଇଥିଲେ। ଆନ୍ଦୋଳନରେ ବାବନ ଦାସ, ବସନ୍ତ ମହାନ୍ତି, ଭିକା ନାୟକ, ସୁକାନ୍ତି ନାୟକ, କାଠି ନାୟକ, ସେବା ନାୟକ ପ୍ରମୁଖ ଦଳୀୟ କର୍ମୀଙ୍କ ସମେତ ବହୁ ହିତାଧିକାରୀ ଯୋଗଦେଇଥିଲେ।

## ବିଜୁ ଶିଶୁ ସୁରକ୍ଷା ଓ ଆଶୀର୍ବାଦ ମେଳା

ଯୋଡା,୨୬।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଂଯୋଜନାରେ ଯୋଡ଼ା ବ୍ଲକ୍ ସଭାଗୃହରେ ଗୁରୁବାର ବ୍ଲକ୍‌ସ୍ତରୀୟ ଆଶୀର୍ବାଦ ମେଳା ତଥା ଶିଶୁ ମଙ୍ଗଳ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳଙ୍କ ପରାମର୍ଶକ୍ରମେ ଜିଲାର ସମସ୍ତ ବ୍ଲକ୍‌ରେ କୋର୍ଟ କ୍ୟାମ୍ପ କରି, ପିତା ମାତା ବିହୀନ ବା ଜଣେ କେବଳ ମା' କିମ୍ବା ବାପା ଥିବା ଶିଶୁ, ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ଉପସ୍ଥାପିତ କରିବା ଓ ସେମାନଙ୍କୁ ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା ନିମନ୍ତେ କିଶୋର ନ୍ୟାୟ ଆଇନ ୨୦୧୫ ଓ ମିଶନ ବାତ୍ସଲ୍ୟ ଅନୁଯାୟୀ ବ୍ୟବସ୍ଥା କରାଯିବ। କୋଭିଡ-୧୯ରେ ଯେଉଁ ଶିଶୁମାନେ ମା'ବାପା କିମ୍ବା କୌଣସି ଜଣଙ୍କୁ ହରାଇଥିବା ଶିଶୁଙ୍କର ଯତ୍ନ ଓ ସୁରକ୍ଷା ପାଇଁ ଆଶୀର୍ବାଦ ଯୋଜନାରେ ଆର୍ଥିକ ସହାୟତା ପାଉଥିବା ଶିଶୁଙ୍କ ବିକାଶର ଅଗ୍ରଗତି ଯାଞ୍ଚ ଓ ଆତ୍ମନିର୍ଭଶୀଳ ପାଇଁ ଦକ୍ଷତା ବିକାଶ ତାଲିମ, ବିଜୁ ଶିଶୁ ସୁରକ୍ଷା ଯୋଜନା, ଗ୍ରୀନ ପାଶେଜ ଇତ୍ୟାଦି ବିଷୟରେ ଆଲୋଚନା ଓ ଅନୁଧ୍ୟାନ ନିମନ୍ତେ ଜିଲା ପ୍ରଶାସନ ତଥା ଜିଲା ଶିଶୁ ସୁରକ୍ଷା ୟୁନିଟ ସଂଯୋଜନାରେ ଶିଶୁ ମଙ୍ଗଳ କମିଟି ଗୁରୁବାର ଯୋଡ଼ା ବ୍ଲକ୍‌ରେ ୬୩ ଜଣ ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ଏବଂ ଯତ୍ନ ଓ ସୁରକ୍ଷା ଆବଶ୍ୟକ ଥିବା ୯୧ଜଣ ଶିଶୁ ଉପସ୍ଥାପିତ ହୋଇଛନ୍ତି। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ, ସିଡିପିଓ ସୁକାନ୍ତି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ମୁଖ୍ୟ, ଆକ୍ସନ ଏଡ୍ ଘାସିରାମ ପଣ୍ଡା ଯୋଗଦେଇ ଶିଶୁ ସୁରକ୍ଷା ଓ ଯତ୍ନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷ୍ଣଚନ୍ଦ୍ର ବାରିକ, ରାଜଶ୍ରୀ ଉପାଧ୍ୟାୟ ଓ ସୋନାଲି ଦାସ, ସଦସ୍ୟ ଶିଶୁ ମଙ୍ଗଳ କମିଟିଙ୍କ ପାଖରେ ଶିଶୁମାନେ ଉପସ୍ଥାପିତ ହୋଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ସୌମ୍ୟରଞ୍ଜନ ଦାଶ ଓ ଝରଣା ଦାଶ ପରିଚାଳନା କରିଥିଲେ।

# ରାସ୍ତା ଦେଖିଲେ, ଦୁର୍ଦ୍ଦଶା ଶୁଣିଲେ

**ସୀତାପୁର ଗ୍ରାମରେ ବିଧାୟକ**

ଖଇରା, ୨୬।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ଅଧୀନ ସୀତାପୁର ଗ୍ରାମକୁ ଯାତାୟାତ ଉପଯୋଗୀ ରାସ୍ତା ନ ଥିଲା। ବର୍ଷର ଅନ୍ୟୁନ ୬ମାସ ଧରି ଏହି କାଦୁଅ ପଚ ପଚ ରସ୍ତାରେ ସାଇକେଲ କି ମୋଟର ସାଇକେଲ ନେବା ପଛ କଥା ଚାଲି ଚାଲି ଗ୍ରାମରୁ ବାହାରିବା ମୁସ୍କିଲ ହୋଇପଡୁଥିଲା। ଗ୍ରାମବାସୀ ପ୍ରଶାସନ ଓ ଲୋକପ୍ରତିନିଧିଙ୍କୁ ଗୁହାରି କରି କରି ହାଲିଆ ହୋଇପଡିଥିଲେ। ବାରମ୍ବାର ଉକ୍ତ ରସ୍ତା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ମଧ୍ୟ ହୋଇଥିଲା। ଉକ୍ତ ଖବର ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନଜରକୁ ଆସିବା ପରେ ଗୁରୁବାର ପ୍ରବଳ ବର୍ଷାରେ ଛତା ଧରି ଚାଲି ଚାଲି ଯାଇ ଗ୍ରାମରେ ପହଞ୍ଚିଥିଲେ। ଏଥିସହ ରାସ୍ତା ମରାମତି ପାଇଁ ନିଜ ପାଣ୍ଠିରୁ ଆବଶ୍ୟକ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସ, ବିଶ୍ୱଭୂଷଣ ପ୍ରଧାନ, ରବୀନ୍ଦ୍ର ମହାନ୍ତିଙ୍କ ସମେତ ଉକ୍ତ ଗ୍ରାମର ଅଧିବାସୀ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।


ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବର୍ଷାରେ ଛତା ଧରି ରାସ୍ତା ପରିଦର୍ଶନ କରୁଛନ୍ତି।

# ଦୁର୍ନୀତି ବିରୋଧରେ ଭାଜପାର ଗଣଧାରଣା


ମାଧପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ଭାଜପା କର୍ମୀ।

ଚାନ୍ଦବାଲି,୨୬।୮ (କିଶାନ ପାତ୍ର)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ ଆଣି ଭାଜପା ପକ୍ଷରୁ ଏହା ବିରୋଧରେ ଶନିବାର ଚାନ୍ଦବାଲି ବ୍ଲକ ମାଧପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଭାଜପା ନେତା ମୀନକେତନ ବିଶ୍ୱାଳଙ୍କ ନେତୃତ୍ୱରେ ରାଜ୍ୟ କୃଷକ ମୋର୍ଚ୍ଚାର ସଦସ୍ୟ ଉପେନ୍ଦ୍ର ରାଉଳ ଓ ବରିଷ୍ଠ ନେତା କାହ୍ନୁଚରଣ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ମାଧପୁର ବିଦ୍ୟାଳୟରେ ହୋଇଥିବା ଅନିୟମିତତା ଓ ରାଶନ କାର୍ଡର ଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍ ଦେବା, କରୋନା ସମୟରେ କେନ୍ଦ୍ର ସରକାର ଦେଇଥିବା ରିଲିଫ ହରିଲୁଟ ନେଇ ଅଭିଯୋଗ କରିଥିଲେ। ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ଓ ବ୍ଲକ ପ୍ରଶାସନ ଉପରେ ସେମାନେ ବର୍ଷିଥିଲେ। ପ୍ରତିବାଦ ସଭାରେ ଶତାଧିକ ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ। ନରହରି ଦାସ, ରମେଶ ଦାସ, ଉତ୍ତମ ବାରିକ, ପ୍ରାଣକୃଷ୍ଣ ଦାସ, ଯୁବନେତା ବିଜୟ ପାଢ଼ୀ, ରତିକାନ୍ତ ନାୟକ, ଅମୂଲ୍ୟ ଦାସ ପ୍ରମୁଖ ସାମିଲ ଥିଲେ।

## ଯୋଗାଣ ସହାୟକଙ୍କ ଆନ୍ଦୋଳନ ଚେତାବନୀ

ଖୁଣ୍ଟା,୨୬।୮(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟିକା, ସହାୟକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶାସନ ସଚିବ ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲେ ବି କୌଣସ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ପୂର୍ବରୁ ଦେଇ ଦାବି ଅନୁଯାୟୀ, ସ୍ଥାୟୀ ନିଯୁକ୍ତି ମାନ୍ୟତା ସହିତ ସର୍ବନିମ୍ନ ୨୫ ହଜାର ଟଙ୍କାର ଦରମା ପ୍ରଦାନ, ପିଡିଏସ ଲାଇସେନ୍ସ ପ୍ରଦାନ, ମୃତ୍ୟୁ କାଳିନ ସହାୟତା ସହିତ ପରିବାରରୁ ଜଣକୁ ନିଯୁକ୍ତି, ଯୋଗାଣ ସହାୟକଙ୍କୁ ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରି ପଦବୀକୁ (ଏଏସଆଇ) ବା ଅତିରିକ୍ତ ଯୋଗାଣ ନିରୀକ୍ଷକର ମାନ୍ୟତା ପ୍ରଦାନ, ଇ-ପୋସ ଡିଭାଇସ ପରିଚାଳନାର ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ମାସିକ ପିଡିଏସ ସାମଗ୍ରୀ ବଣ୍ଟନରେ ୨ ପ୍ରତିଶତ କ୍ଷତିକୁ ସରକାରଙ୍କ ପକ୍ଷରୁ ଭରଣ ଇତ୍ୟାଦି ଦାବି ରହିଛି। ଆଗାମୀ ୨୮ ତାରିଖ ସୁଧା ଉକ୍ତ ଦାବି ଉପରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ କାର୍ଯ୍ୟରତ ଯୋଗାଣ ସହାୟିକା/ସହାୟକମାନେ ସମୂହ ଛୁଟିରେ ଯାଇ ଆନ୍ଦୋଳନ କରିବେ ବୋଲି ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସରିତା


@ବନିତା


@ସତ୍ୟବ୍ରତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## କଇନିପୁରା ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ


ଶିକ୍ଷୟିତ୍ରୀ ଓ ଶିକ୍ଷକ ଚାରାରୋପଣ କରୁଛନ୍ତି।

ଘସିପୁରା,୨୬।୮(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ କଇନିପୁରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସବିତା ଦେବୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ପରେ ସ୍କୁଲ କମିଟି ସଭାପତି ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅନାବନା ଗଛରେ ଭର୍ତ୍ତି ବିଦ୍ୟୁତ ସବ୍‌ଷ୍ଟେଶନ

**ଔପଦା, ୨୬।୮(ଧରିତ୍ରୀ ପଣ୍ଡା):** ବାଲେଶ୍ୱର ଜିଲା ଔପଦା ବ୍ଲକ ତଲକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମ ଭଗବାନପୁର ଶାସନ ନିକଟସ୍ଥ ତଳସାହି ଛକରେ ଥିବା ଏକ ୧୦୦କେଭି ବିଦ୍ୟୁତ ସବ୍‌ଷ୍ଟେଶନ ଏବେ ବିପଦଜନକ ଅବସ୍ଥାରେ ରହିଛି। ଏହି ବିଦ୍ୟୁତ ସବଷ୍ଟେଶନ ଚାରିପାଖ ଖୋଲାମେଲା ଥିବା ବେଳେ ବିଭିନ୍ନ ଗଛଲତାରେ ପରିପୂର୍ଣ୍ଣ ହୋଇ କୃତ୍ରିମ ଜଙ୍ଗଲ ସଦୃଶ ଦେଖାଦେଇଛି। ଏପରିକି ସବ୍‌ଷ୍ଟେଶନ ତଳେ ପାଣିରେ ଭର୍ତ୍ତି ହୋଇଛି। ଏହାହେବା ଫଳରେ ଅନେକ ସମୟରେ ବିଦ୍ୟୁତସେବା ବାଧାପ୍ରାପ୍ତ ହେଉଛି। ଫଳରେ ସାଧାରଣ ଲୋକ ଓ ଜୀବଜନ୍ତୁଙ୍କ ପାଇଁ ବିପଦ ଆଶଙ୍କା ରହିଛି। ଗ୍ରାମର ଉପଭୋକ୍ତାମାନଙ୍କ କହିବା ଅନୁଯାୟୀ ଔପଦାରେ ବିଦ୍ୟୁତସେବା ଯୋଗାଉଥିବା ଫ୍ରାଞ୍ଚାଇଜ ସଂସ୍ଥା ଆକାଂକ୍ଷା ଅଫିସକୁ ଏହି ସବ୍‌ଷ୍ଟେଶନ ବିଷୟରେ ଜଣାଇଥିଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଏଥିପ୍ରତି ବିଦ୍ୟୁତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ସବଷ୍ଟେଶନ ଚାରିପାଖ କୃତ୍ରିମ ଜଙ୍ଗଲ ସଫା କରିବା ଓ ବିପଦମୁକ୍ତି ପାଇଁ ପାଚେରି ନିର୍ମାଣ କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।


ବିପଜ୍ଜନକ ଅବସ୍ଥାରେ ୧୦୦କେଭି ବିଦ୍ୟୁତ ସବ୍‌ଷ୍ଟେଶନ।

## ଝୁଲଣଯାତ୍ରାରେ ଝଲସୁଛି ଭଦ୍ରକ ସହର



ଭଦ୍ରକ,୨୬।୮(ରବିନାରାୟଣ ଖିଲାର)

ଭଦ୍ରକ ସହରର ଜଗନ୍ନାଥପୁର, କୁଆଁସ, ମଠସାହି ଆଦି ୱାର୍ଡରେ ଝୁଲଣ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଝୁଲଣ ଯାତ୍ରାରେ ଭଦ୍ରକ ସହର ଝଲସୁଛି। ମଠସାହିଠାରେ ଥିବା ବହୁ ପ୍ରାଚୀନ ଗୋପାଳଜୀଉ ମନ୍ଦିରରେ ଝୁଲଣ ଉତ୍ସବ ପାରମ୍ପରିକ ଉତ୍ସବ ଭାବେ ପାଳନ ହୋଇଆସୁଛି। ସପ୍ତାହେ ବ୍ୟାପୀ ହେବାକୁ ଥିବା ଝୁଲଣ ଯାତ୍ରାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ସୂର୍ଯ୍ୟବଂଶୀ ସୂରଜ, ପ୍ରାକ୍ତନ ବିଧାୟକ ନରେନ ପଲେଇ, ଡା. ପ୍ରଦୀପ ନାୟକ, ଇଂ. ପ୍ରୟାସକାନ୍ତି ସାମଲ, ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ଯୁବନେତା ଜ୍ୟୋତିପ୍ରକାଶ ମହାନ୍ତି, ସୀତାଂଶୁ ମହାପାତ୍ର, ପୂର୍ବତନ କାଉନସିଲର ଶୁଭଙ୍କର ମହାପାତ୍ର, ଯୁବନେତା ଜ୍ଞାନେନ୍ଦ୍ର ମହାନ୍ତି, ତପନ ନାୟକ, ନୀଳମାଧବ ମହାନ୍ତି, କୁନା ମହାନ୍ତି, ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କୁଆଁସସ୍ଥିତ ଗୌର ଗୋପାଳ ମନ୍ଦିର ଓ ଶ୍ୟାମସୁନ୍ଦର ମନ୍ଦିରରେ ଝୁଲଣ ଯାତ୍ରା ସର୍ବ ପୁରାତନ। ଗୁଣ୍ଡୁଣୀ କୁଞ୍ଜେ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ବିରାଜମାନ। ଶନିବାର ରାଧାଗୋବିନ୍ଦ ଏବଂ ପ୍ରଭୁ ଗୌରଗୋପାଳଙ୍କୁ ସୁସଜ୍ଜିତ ବିମାନରେ ଆଣି କୁଞ୍ଜରେ ଝୁଲଣ ଯାତ୍ରା ଉତ୍ସବ ନିମନ୍ତେ ଅଧିଷ୍ଠିତ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ।

# ସିଟିଜିରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ

କେନ୍ଦୁଝର,୨୬।୮(ଦୀପକ ମିଶ୍ର)



କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ୍ ଏବଂ କେନ୍ଦୁଝର ଡିଗ୍ରୀ କମର୍ସ କଲେଜର ଚେୟାରମ୍ୟାନ୍ ଡ଼ ରାଜେନ୍ଦ୍ର କୁମାର ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଙ୍କୁ ନେଇ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଇନର ହୁଇଲ କ୍ଲବ୍‌ର ସଦସ୍ୟମାନଙ୍କ ଉପସ୍ଥିତି ଏବଂ ପ୍ରଶିକ୍ଷକମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସମୟର ଆବଶ୍ୟକତାକୁ ଉପଲବ୍ଧି କରାଯାଇ ଏହି ସୁନ୍ଦର କାର୍ଯ୍ୟକ୍ରମକୁ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ କରାଯାଇଥିଲା। ରୀତା କପୁର, ପୁଷ୍ପା ମିତ୍ର କର, ନିରୁପମା ସ୍ୱାଇଁ, ମିନତୀ ମହାପାତ୍ର, ଅଞ୍ଜୁ ସାହୁ, ନତାସା ସାହୁ, ସବିତା ବେହେରା, ସରୋଜିନୀ ରାଉତ, ଭାରତୀ ରାଠୋର ଓ ନମିତା ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ଆତ୍ମ ସୁରକ୍ଷା ବିଷୟରେ ପିଲାମାନଙ୍କୁ ବୁଝାଇବା ସହିତ ଅନେକ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଇଓ ଦ୍ରୌପଦୀ ଦାସ, ଓଏସ୍‌ଡି ଦେବଯାନୀ ଦାସ ଓ ଅପରେସନ ହେଡ୍ ମମତାମୟୀ ଜେନା ସହଯୋଗ କରିଥିଲେ।

# 'ଆଦିବାସୀ ଜିଲାକୁ ଅବହେଳା କରୁଛନ୍ତି ସରକାର'

**ପ୍ରତିବାଦ କରିବ ଭଞ୍ଜସେନା**

ବାରିପଦା,୨୬।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟ୍ ବ୍ୟାଙ୍କ ପ୍ରସ୍ତୁତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ପାଳନ କରାଯାଏ। ଶିଳାନ୍ୟାସ, ଭିତ୍ତିପ୍ରସ୍ତର ଭଳି କାର୍ଯ୍ୟକ୍ରମକୁ ଲୋକଦେଖାଣିଆ ଭାବେ କରାଯାଇ ନିର୍ବାଚନୀ ବୈତରଣୀ ପାରି ହୋଇଥାନ୍ତି। ପରେ ମୟୂରଭଞ୍ଜ ଜିଲାର ବିକାଶ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥାଏ। ମିଥ୍ୟା ଅପପ୍ରଚାର ଓ ପ୍ରତିଶ୍ରୁତିକୁ ବିରୋଧ କରି ଜିଲାର ଏକମାତ୍ର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପ୍ରତିବାଦର ସ୍ୱର ଉଠାଇଛି। ଆଦିବାସୀ ଜିଲାକୁ ସରକାର ଅବହେଳା କରୁଛନ୍ତି ବୋଲି ଭଞ୍ଜସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ କରାଯାଇ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଭଞ୍ଜସେନା ଦାବି କରିଛି। ୧୫ ଦିନ ମଧ୍ୟରେ ସ୍ଥାୟୀ ସମାଧାନ କରା ନ ଗଲେ ସେପ୍ଟେମ୍ବର ୧୩ରେ ଜିଲାରେ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି।

ମଠ ମନ୍ଦିର ରୂପାନ୍ତରଣ ପ୍ରକ୍ରିୟାରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ମନ୍ଦିର ପାଇଁ ଆଖିଦୃଶିଆ ଅନୁଦାନ ପ୍ରଦାନ, ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ବଂଶବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା, ଆଦିବାସୀମାନଙ୍କ ପୂଜାସ୍ଥଳୀ ଜାହିରାପୀଠଗୁଡ଼ିକର ପଟ୍ଟା ପ୍ରଦାନ, ଜିଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନୁଦାନ, ବାଙ୍ଗିରିପୋଷି-ଗୋରୁମହିଷାଣୀ, ବାଦାମପାହାଡ-କେନ୍ଦୁଝର ଏବଂ କପ୍ତିପଦା ଉପଖଣ୍ଡକୁ ରେଳ ସଂଯୋଗୀକରଣ, ଶୁଳିଆପଦା ବ୍ଲକରେ କାଗଜ କଳ ପ୍ରତିଷ୍ଠା, ଲଣ୍ଡନସ୍ଥିତ ବର୍କିହୋମ ପ୍ୟାଲେସ ସଦୃଶ ଐତିହାସିକ ରାଜପ୍ରାସାଦର ୧ଲକ୍ଷ ବର୍ଗଫୁଟରେ ଥିବା ୧୨୬ଟି କୋଠରୀକୁ ସ୍ମାରକୀ ଭାବେ ସଂରକ୍ଷିତ କରିବାକୁ ରାଜ୍ୟ ସରକାର ଘୋଷଣା କରିବା, ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ ସହ ରୋଗ ପରୀକ୍ଷା ନିମନ୍ତେ ଆବଶ୍ୟକ ଉପକରଣ ଯୋଗାଇଦେବା, ଦ୍ୱାରଶୁଣୀ ଘାଟିର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ, ରାଇରଙ୍ଗପୁର ଓ ଯଶିପୁର ସହରରେ ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ, ଅମର୍ଦା ଓ ଦାଣ୍ଡବୋଷ ଏୟାରଷ୍ଟ୍ରିପର ତୁରନ୍ତ ପୁନରୁଦ୍ଧାର ଆଦି ଦାବିଗୁଡ଼ିକ ମଧ୍ୟରେ ରହିଛି। ସେହିପରି ଜିଲାର ସମସ୍ତ ମଠମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ପ୍ରଦାନ, ଘୋଷଣା ହୋଇଥିବା ସୁଲେଇପାଟ, କାଳ ଡ୍ୟାମଗୁଡ଼ିକର ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ସହ ଜିଲାରେ ଥିବା ବନ୍ଧ ଓ ଡ୍ୟାମଗୁଡ଼ିକର ପୁନରୁଦ୍ଧାର, ଜିଲାରେ ଏକ ଫୁଟ୍‌ବଲ ଏକାଡେମୀ ସ୍ଥାପନ ଆଦି ୨୭ ପ୍ରକାର ଦାବି ରହିଛି।



## ସଂକ୍ଷେପରେ

### ମୃତ ଚାଷୀଙ୍କ ପରିବାରକୁ ୫ଲକ୍ଷ ଟଙ୍କା ବୀମାରାଶି

ତିହିଡ଼ି,୨୬।୮(ସଞ୍ଜିତ ବଳ)–ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତ ରାଣୀପୁର ଗ୍ରାମର ମୃତ ଚାଷୀ ବୃନ୍ଦାବନ ଭଞ୍ଜରାୟଙ୍କ ପରିବାରକୁ ଶୁକ୍ରବାର ୫ଲକ୍ଷ ଟଙ୍କାର ବୀମାରାଶି ବ୍ୟାଙ୍କ ଚେକ୍ ଆକାରରେ ପ୍ରଦାନ କରାଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ତିହିଡ଼ି ଶାଖା ପରିସରରେ ବୃନ୍ଦାବନଙ୍କ ସ୍ତ୍ରୀ ଶାନ୍ତିଲତାଙ୍କୁ ବ୍ୟାଙ୍କର ବୋର୍ଡ ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ ଚେକ୍ ପ୍ରଦାନ କରିଥିଲେ। ତିହିଡ଼ି ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ, ପାଳିଆବିନ୍ଧା ସମବାୟ ସମିତି ସଭାପତି ମିନତିଲତା ଦାସ, ସମ୍ପାଦକ ସଞ୍ଜୟ କୁମାର ଦାସ, ଶ୍ୟାମସୁନ୍ଦରପୁର ସମିତି ସମ୍ପାଦକ କାଳନ୍ଦୀ ଚରଣ ଦାସ, ମଙ୍ଗଳପୁର ସମିତି ସମ୍ପାଦକ ଶଙ୍କର୍ଷଣ ଜେନା, ସମିତିର ବୋର୍ଡ ସଦସ୍ୟ ଅଶୋକ ଜେନା, ବିଜୟ ଜେନା, ନିର୍ମାଲ୍ୟ ଜେନା, ପ୍ରତାପ ବିଶ୍ୱାଳ ଓ ପ୍ରତାପ ଜେନା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପାଳିଆବିନ୍ଧା ସମବାୟ ସମିତିରୁ ଋଣ ନେଇ ବୀମାଭୁକ୍ତ ହୋଇଥିବା ବୃନ୍ଦାବନଙ୍କର ୨୦୨୧ ଅକ୍ଟୋବର ୨୧ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା।

### ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ବନ୍ଦ ସଚେତନତା

ପାଟଣା,୨୬।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ୀ କାପୁଡି ପଞ୍ଚାୟତକୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଭାବେ ଗଢ଼ି ତୋଳିବା ପାଇଁ ଆସ୍ଥାୟାର ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଶନିବାର ପଞ୍ଚାୟତ ସଭା ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଚେତନତା ରଥ ସ୍ଥାନୀୟ ହାଇସ୍କୁଲରୁ ବାହାରି ପଞ୍ଚାୟତର ବିଭିନ୍ନ ସ୍କୁଲ ପରିକ୍ରମା କରିଥିଲା। ସ୍ଥାନୀୟ ସମିତି ସଭ୍ୟ ଭଗବାନ ନାଏକ, ନାଏବ ସରପଞ୍ଚ ଯୋଗେଶ୍ୱର ମହାନ୍ତ, ଆସ୍ଥାୟରର ଶିଶିର ଦାସ, କବିନ୍ଦ୍ର ଦେହୁରୀ, ରାଜକୁମାର ପଲେଇ ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହର ଅପକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଦେବଜାନୀ ଶତପଥୀ, ଲଳିତା ମହାନ୍ତ ଓ ସୁଶାନ୍ତଦେହୁରୀ ପ୍ରମୁଖ ପରିଚାଳନ କରିଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବୈଶିଙ୍ଗା,୨୬।୮ (ରତନ ଦାଶ)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ରୂପ୍ସା ରାସ୍ତାର କଦଳିଆ ଛକ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ସାହି ଥାନା ଅଧୀନ ଗମ୍ଭାରୀଆ ଗ୍ରାମର ମୁକ୍ତେଶ୍ୱର ଗିରି। ସେ ବାଇକ୍‌ରେ କଦଳିଆ ପଟୁ ଆସୁଥିବା ବେଳେ ବୈଶିଙ୍ଗାରୁ ରୂପ୍ସା ପଟକୁ ଯାଉଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଦୁଇ ବାଇକ୍‌ରେ ଥିବା ୩ଜଣ ଗୁରୁତର ହୋଇ ରାସ୍ତା ଉପରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ପଠାଇଥିଲେ। ମୁକ୍ତେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର ବେଳେ ଅଧା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରାଇବଣିଆ ଥାନାରେ ନୂଆ ଅଧିକାରିଣୀ

ରାଇବଣିଆ, ୨୬।୮(ନବୀନ ସାହୁ)– ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ



ରାଇବଣିଆ ଥାନାରେ ରଞ୍ଜୁ ହାସିନି କୁଲ୍ଲୁ ନୂତନ ଥାନା ଅଧିକାରିଣୀ ଭାବେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନାରେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀଙ୍କ ରେମୁଣା ଥାନାକୁ ବଦଳି ହୋଇଛି। ସେ ରାଇବଣିଆ ଥାନାର ପ୍ରଥମ ମହିଳା ଅଧିକାରିଣୀ। ଏହି ଥାନା ଅଧୀନରେ ଥିବା ୧୪ଟି ପଞ୍ଚାୟତ ଓ ଗୋଟିଏ ଫାଣ୍ଡି ରହିଛି। ସାଧାରଣ ଲୋକ ଯେମିତି ନ୍ୟାୟ ସୂଚାରୁ ରୂପେ ପାଇପାରିବେ ସେନେଇ ଆଲୋଚନା କରିଥିଲେ।

# ଆରମ୍ଭରୁ ଶୀତଳ ଭଣ୍ଡାର ଅଚଳ

■ଥଣ୍ଡା ରହୁ ନ ଥିବାରୁ ଚାଷୀ ପରିବା ରଖୁନାହାନ୍ତି
■୧୫ ଲକ୍ଷ ପାଣିରେ ପଡ଼ିଲା
■ଏସ୍‌ଏଚ୍‌ଜି ସମ୍ପାଦିକା ଜାଗା ଦେଇଥିଲେ

ଘଟଗାଁ,୨୬।୮(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ଜାମପୋଷି ପଞ୍ଚାୟତର ଯାମାପସୀ ଗ୍ରାମରେ ଗତବର୍ଷ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ତରଫରୁ ସ୍ଥାପନ ହୋଇଥିବା ଶୀତଳ ଭଣ୍ଡାର ଅଚଳ ଅବସ୍ଥାରେ ପଡ଼ିଛି। ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହୋଇଥିବା ବେଳେ ସ୍ଥାପନ ଦିନରୁ କାର୍ଯ୍ୟରେ ଲାଗିପାରିନାହିଁ। ଉକ୍ତ ଶୀତଳ ଭଣ୍ଡାର ଚାଲିବା ପାଇଁ ସୌରଚାଳିତ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଥିଲା। ଶୀତଳ ଭଣ୍ଡାର ବସିବା ଖବର ଅଞ୍ଚଳବାସୀଙ୍କ ମନରେ ବେଶ୍ ଖୁସି ଭରିଦେଇଥିଲା। ଏ ନେଇ ସ୍ଥାନୀୟ ସ୍ୱୟଂ ସହାୟିକ ଗୋଷ୍ଠୀର ସମ୍ପାଦିକା ଜମି ସହ ଆର୍ଥିକ ଖର୍ଚ୍ଚ ମଧ୍ୟ କରିଥିଲେ। ମାତ୍ର ତାହାର ମୂଲ୍ୟ ରହିଲା ନାହିଁ ବୋଲି ମା' ମଙ୍ଗଳା ଏସ୍‌ଏଚ୍‌ଜିର ସମ୍ପାଦିକା ସବିତା ମହାନ୍ତ କହିଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳବାସୀ ଚାଷ ଉପରେ ନିର୍ଭରଶୀଳ। ପରିବା ଚାଷକରି ପରିବାର ଚଳାଇଥାଆନ୍ତି। ମାତ୍ର ଅଧିକାଂଶ ସମୟରେ ଅଧିକ ଅମଳ ଯୋଗୁ ଦର କମି ଯାଇଥାଏ। ଏପରିକି ମୂଳ ପୁଞ୍ଜି ବାହାରିବା ତ ଦୂରର କଥା ପାରିଶ୍ରମିକ ବି ମିଳେନାହିଁ। ଚାଷୀ ଅମଳ ନ କରି କ୍ଷେତରେ ନଷ୍ଟହେବାକୁ ଛାଡ଼ିଦିଅନ୍ତି। ଏହାକୁ ଦୃଷ୍ଟିରେ ରଖି ୧୦ ବର୍ଷ ତଳେ ଢେଙ୍କିକୋଟଠାରେ ତତ୍କାଳୀନ କୃଷି, ସମବାୟ ମନ୍ତ୍ରୀ ଦାମୋଦର ରାଉତ ଏକ ଶୀତଳ ଭଣ୍ଡାର ପାଇଁ ଶୁଭ ଦେଇଥିଲେ। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ବାରମ୍ବାର ଦାବି ପରେ ମିଶନ ଶକ୍ତି ବିଭାଗ ତରଫରୁ ଗତବର୍ଷ ଯାମାପସୀଠାରେ ଶୀତଳଭଣ୍ଡାର ସ୍ଥାପନ ହୋଇଥିଲା। ଏହାର ଆବଶ୍ୟକତାକୁ ଲକ୍ଷ୍ୟକରି ସ୍ଥାନୀୟ ଅଗ୍ରଣୀ ମା' ମଙ୍ଗଳା ଏସ୍‌ଏଚ୍‌ଜିର ସମ୍ପାଦିକା ଶୀତଳଭଣ୍ଡାର ପାଇଁ ନିଜ ଘରବାଡ଼ି ଜାଗା ଦେଇଥିଲେ। ଶୀତଳ ଭଣ୍ଡାର ମେଶିନ ବସିବା ପାଇଁ ୧୫ ହଜାର ଟଙ୍କା ଖର୍ଚ୍ଚ କରି



ଅଚଳ ହୋଇପଡ଼ିଥିବା ଶୀତଳ ଭଣ୍ଡାର।

ଏକ ସିମେଣ୍ଟ ପିଣ୍ଡି ମଧ୍ୟ ତିଆରି କରିଥିଲେ। ଏହାକୁ ମା' ମଙ୍ଗଳା ଏସ୍‌ଏଚ୍‌ଜିକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ସମ୍ପାଦିକା ମୁଖ୍ୟ ଭାବେ ରହିଛନ୍ତି। ପ୍ରଥମେ ସବିତା ୧୫ ହଜାର ଟଙ୍କାର କଲମୀ ଆମ୍ବ କିଣି ଏଥିରେ ରଖିଥିଲେ। ମାତ୍ର ତାହା ୭ ଦିନରେ ପଚି ନଷ୍ଟ ହୋଇଯାଇଥିଲା। ଫଳରେ ଶୀତଳ ଭଣ୍ଡାରରେ କେହି ପରିବା ରଖିବାକୁ ଆଗ୍ରହ ପ୍ରକାଶ କଲେନାହିଁ। ଏ ନେଇ ଅଭିଯୋଗ ପରେ କମ୍ପାନୀ ଗ୍ରାମକୁ ଆସି ଏହାର ଯାଞ୍ଚ କରିଥିଲା। ମାତ୍ର ଯଥା ପୂର୍ବଂ ତଥା ପରମ୍ ନୀତିରେ ରହିଛି, ଆବଶ୍ୟକ ଥଣ୍ଡା ରହୁନାହିଁ, ଫଳରେ ସ୍ଥାପନ ଦିନଠାରୁ ଏହା ଅଚଳ ହୋଇପଡ଼ିଛି। ଫଳରେ ୧୫ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସାର ହେଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି।

## ତିହିଡ଼ି ଡାକବଙ୍ଗଳାଠାରେ ହେବ ନୂଆ ବସ୍‌ଷ୍ଟାଣ୍ଡ

ତିହିଡ଼ି,୨୬।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ିସ୍ଥିତ ଡାକବଙ୍ଗଳାର ୭୯ ଡିସିମିଲ ଜାଗାରେ ୨ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଉପଲକ୍ଷେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

ତିହିଡ଼ି ବଜାରରେ ବସ୍‌ଗୁଡ଼ିକ ରହୁଥିବାରୁ ଟ୍ରାଫିକ ସମସ୍ୟା ଲାଗି ରହିଥିଲା। ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନୀୟ ଅଧିବାସୀ ବିଧାୟକ ରାଉତରାୟଙ୍କ ନିକଟରେ ଦାବି କରିଥିଲେ। ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ପରେ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ବ୍ଲକ ବିଜେଡି ସଭାପତି ରଘୁନାଥ ପଣ୍ଡା, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ, ବିଷ୍ଣୁ କୁଅଁର, ବିପିନ ବେହେରା, କୀର୍ତ୍ତନ ରାଉତ, ବରିଷ୍ଠ ନେତା ହରିହର ସେନାପତି, ପ୍ରବୀର ନାୟକ, ଉମାକାନ୍ତ ସେଠୀ, ନିତ୍ୟାନନ୍ଦ ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ବିଧାୟକ ରାଉତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜିଲା ଜଜ୍ କୋର୍ଟ ପରିସରରେ ଶିଶୁ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଆଇନଜୀବୀମାନେ।

ଭଦ୍ରକ,୨୬।୮(ସନାତନ ରାଉତ)

ଭଦ୍ରକ ନଳାଙ୍ଗସ୍ଥିତ ଜିଲା ଜଜ୍ କୋର୍ଟ ପରିସରରେ ବାଳ ଅପରାଧିଙ୍କ ଯତ୍ନ ଓ ସୁରକ୍ଷା, ନାବାଳକ ଯୌନ ନିର୍ଯାତନା (ପୋକ୍‌ସୋ) ଆଇନରେ ଶିଶୁମାନଙ୍କ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଓକିଲ ସଂଘର ସଭାପତି ନିରାକାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୁଭେନାଇଲ ଜଷ୍ଟିସ ପ୍ରୋଟେକ୍ସନ ଆଣ୍ଡ କେୟାର ଆଇନ, ପୋକ୍‌ସୋ ଆଇନର ପ୍ରଚଳନ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଜଜ୍ ଆଶିଷ କୁମାର ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଙ୍ଗୀତା ପାଣି ଓ ପୋକ୍‌ସୋ କୋର୍ଟ ଜଜ୍ ମୁକ୍ତିରଞ୍ଜନ ଶତପଥୀ ଆଇନର ଦୁରୁପଯୋଗ ସମାଜ ଗଠନରେ ବାଧକ ବୋଲି କହିଥିଲେ। ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅରୁଣ କୁମାର ଚାନ୍ଦ, ଯତିକାନ୍ତ ନାୟକ, ପବନ ଶର୍ମା, ଗଦାଧର ବଳ, ଶିଶୁ ସୁରକ୍ଷା ବୋର୍ଡ ମେମ୍ବର ବନମାଳୀ ଜେନା, ଜିଲା ଖାଉଟି କମିଶନ ଅଧ୍ୟକ୍ଷ ଶିବପ୍ରସାଦ ମହାନ୍ତି, ସୀମାରାଣୀ ଦାସ ପ୍ରମୁଖ ଉଭୟ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଓକିଲ ସଂଘ ସମ୍ପାଦକ ଦିବ୍ୟସିଂହ ନାୟକ। ପ୍ରତି ମାସ ଶେଷ ଶନିବାର ଭଦ୍ରକ ଓକିଲ ସଂଘ ଦ୍ୱାରା ପ୍ରଚଳିତ ଆଇନର ବିଭିନ୍ନ ଦିଗ ଉପରେ ଓକିଲ ସଂଘ ଓ ବିଚାରପତିମାନଙ୍କୁ ନେଇ ଜିଲା କୀର୍ତ୍ତନ କନ୍‌ଫରେନ୍ସ ହଲ୍‌ରେ ଆଲୋଚନା ହେବ ବୋଲି ସଭାପତି ଘୋଷଣା କରିଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

ଗୋପବନ୍ଧୁ ନଗର, ୨୬।୮ (ଶାନ୍ତନୁ କୁମାର ମଲ୍ଲୁଆଳ)

ରାଜ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୨ ଦଫା ଦାବି ହୋଇ ଆସୁଥିଲେ ମଧ୍ୟ ପୂରଣ ହେଉନାହିଁ। ଫଳରେ ସଂଘର ନିଷ୍ପତ୍ତିକ୍ରମେ ଗତ ୭ ତାରିଖରୁ ପ୍ରତି ବ୍ଲକରେ କାର୍ଯ୍ୟରତ ପିଇଓମାନେ କଳାବ୍ୟାଜ୍ ପରିଧାନ କରିଥିବା ବେଳେ ୧୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ଦାବି ନ ଶୁଣିଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ଚେତାବନୀ ଦେଇଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ୧୪ ପଞ୍ଚାୟତର ୭ ପିଇଓ ଏବଂ ଗୋପବନ୍ଧୁ ନଗର ବ୍ଲକରେ ୧୩ ପଞ୍ଚାୟତର ୬ ପିଇଓଙ୍କ ଦ୍ୱାରା କାର୍ଯ୍ୟ ହୋଇଆସୁଥିଲା। ମାତ୍ର ୯ଦିନ ହେଲା ସମୂହ ଛୁଟିରେ ରହିବା ଯୋଗୁ ପଞ୍ଚାୟତଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ କାର୍ଯ୍ୟ ଅଧାରେ ଅଟକି ରହିଛି। ସାଧାରଣ ଲୋକେ କୌଣସି କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଫେରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବାବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସାମାଜିକ ନ୍ୟାୟ ଅଭିଯାନର ଜିଲା ସମ୍ମିଳନୀ ପ୍ରସ୍ତୁତି



ସାମାଜିକ ନ୍ୟାୟ ଅଭିଯାନର କର୍ମକର୍ତ୍ତା।

ବାରିପଦା,୨୬।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ସାମାଜିକ ନ୍ୟାୟ ଅଭିଯାନ ତରଫରୁ ପ୍ରସ୍ତାବିତ ଜିଲା ସମ୍ମିଳନୀକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ଆଡ୍‌ଭୋକେଟ ଅବନୀ କୁମାର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲା ସମ୍ମିଳନୀ ଆଗାମୀ ସେପ୍ଟେମ୍ବର ୩ ତାରିଖ ଦିନ ବାରିପଦାର ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ଅଧ୍ୟାପକ ଗୋପବନ୍ଧୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ସାମାଜିକ ନ୍ୟାୟ ଅଭିଯାନର ରାଜ୍ୟ ଆବାହକ ଅକ୍ଷୟ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ବାଲେଶ୍ୱରରୁ ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନା, ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା, ସମ୍ମାନିତ ଅତିଥିଭାବେ ନନ୍ଦ କୁମାର ମହାପାତ୍ର ଯୋଗଦେଇଥିଲେ। ଯୁଗ୍ମ ଆବାହକ ରାକେଶ ସିଂ ସାଙ୍ଗଠନିକ ରୂପରେଖ ଉପସ୍ଥାପନ କରିଥିଲେ। ବୈଠକରେ ଓବିସିଙ୍କୁ ଶିକ୍ଷା ଓ ଚାକିରିରେ ୨୭% ସଂରକ୍ଷଣ ପ୍ରଦାନ, ଏସଟି ଓ ଏସସିଙ୍କୁ ଶିକ୍ଷାରେ ୪୦% ସଂରକ୍ଷଣ ପ୍ରଦାନ, ଜିଲାର ପଟ୍ଟାବିହୀନ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ, ସଂଖ୍ୟାଲଘୁଙ୍କ ବିକାଶ ପାଇଁ ସତନ୍ତ୍ର ଯୋଜନା, ଏ ସମସ୍ତଙ୍କ ପାଇଁ ଥିବା ଆର୍ଥିକ ନିଗମକୁ କାର୍ଯ୍ୟକ୍ଷମ କରି ସୁଧମୁକ୍ତ ଋଣ ପ୍ରଦାନ ଓ ଜିଲାର ବିକାଶ ପାଇଁ ଶିଳ୍ପାୟନ, ପର୍ଯ୍ୟଟନ ଓ କୃଷିର ଉନ୍ନତି ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବାକୁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଆଡ୍‌ଭୋକେଟ ବସନ୍ତ ମହାନ୍ତ, କହ୍ନୁ ବେହେରା, କ୍ଷେତ୍ରମୋହନ, ବୈଦ୍ୟନାଥ ମହାନ୍ତ, ଭବନୀ ଶଙ୍କର ସାହୁ, ପଦ୍ମଲୋଚନ ମହାନ୍ତ, ଗଦାଧର ବେହେରା, ସଞ୍ଜୟ ରାମ, ଗୋସାଇଁ ମହାନ୍ତ, ମଦନମୋହନ ସାମଲ, ସୁରେଶ ମୁନି, ସଞ୍ଜୀବ ମହାନ୍ତ, କାଶୀନାଥ ମହାନ୍ତ, ଧର୍ମପଦ ମହାନ୍ତ, ବିରଞ୍ଚି ବେହେରା, ଶିଶିର ମହାନ୍ତ, ମହେଶର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃପାସିନ୍ଧୁ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## 'କ୍ରୀଡ଼ାଙ୍ଗନ ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ କରିପାରିବ'

### ବ୍ଲକ୍‌ସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେନ୍ଦୁଝର,୨୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ସରକାରୀ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ବ୍ଲକ୍‌ସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ସଦର ବ୍ଲକ୍‌ର ୫୨ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗଦେଇ କ୍ରୀଡ଼ାଙ୍ଗନ ତାଲିମ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହେବା ସହିତ ସେମାନଙ୍କ ଜୀବନରେ ସମସ୍ତ ପ୍ରକାରର ସମସ୍ୟା ସମାଧାନ କରିପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ



ପ୍ରଶିକ୍ଷଣ ଶିବିରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ଅତିଥିଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଜଗଦୀଶ ନାଏକ, କେନ୍ଦୁଝରର ମ୍ୟାଜିକ ବସ୍ ଫାଉଣ୍ଡେସନ କେନ୍ଦୁଝର ଜିଲା ପ୍ରୋଗ୍ରାମ ମ୍ୟାନେଜର ରାମଚନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିତିକୃଷ୍ଣ ବେହେରା ଯୋଗଦେଇଥିଲେ। ଜିଲା ତାଲିମଦାତା ଭାବେ ସରକାରୀ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଫକୀରମୋହନ ମହାନ୍ତ, ସରକାରୀ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କ୍ଷେତ୍ରମୋହନ ନାୟକ କ୍ରୀଡ଼ା, ଶିଶୁ ସୁରକ୍ଷା, ଜୀବନ କୌଶଳ ଶିକ୍ଷା, ଆତ୍ମ ସଚେତନତା, ବନ୍ଧୁତା ସମ୍ପର୍କ, ସମସ୍ୟା ସମାଧାନ, ବୁଝାମଣା, ଭାବ ବିନିମୟ ଆଦି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

## ୫ ପିକ୍‌ଅପ ଭ୍ୟାନ୍ ଭାଙ୍ଗି ଗୋରୁ ମୁକୁଳାଇଲେ

ଜଳେଶ୍ୱର, ୨୬।୮(ରବିନାରାୟଣ ପାତ୍ର)

**ପଶ୍ଚିମବଙ୍ଗ ଚାଲାଣ ବେଳେ ଅଟକାଇଲେ ଶତାଧିକ ଯୁବକ**

**୧୭ ଉଦ୍ଧାର, ୫ ମୃତ**

ଓଡିଶାରୁ ପଶ୍ଚିମବଙ୍ଗକୁ ବିଭିନ୍ନ ରାସ୍ତାରେ ଗୋଚାଲାଣ ହେଉଥିବା ବେଳେ ଶୁକ୍ରବାର ମଧ୍ୟରାତିରେ ଶତାଧିକ ଯୁବକ ୫୭ନଂ. ରାଜ୍ୟ ରାଜପଥର ଆମ୍ବଳିଆଠାରେ ୫ ପିକ୍‌ଅପ୍‌କୁ ଅଟକାଇ ଚକଗୁଡିକୁ କାଟି ପକାଇଥିଲେ। ଗୋରୁଗୁଡ଼ିକୁ ମୁକୁଳାଇବା ସହିତ ଗାଡ଼ି ଭଙ୍ଗାରୁଜା କରିଥିଲେ। ପୋଲିସ ପହଞ୍ଚିବାରୁ ଯୁବକମାନେ ଛତ୍ରଭଙ୍ଗ ଦେଇଥିଲେ। ଉଦ୍ଧାର ୧୭ଗୋରୁଙ୍କୁ ବାଲେଶ୍ୱର ଗୋଶାଳାକୁ ପଠାଇ ଦିଆଯାଇଥିବା ବେଳେ ସେଥିରୁ ୫ଟିର ମୃତ୍ୟୁ ହୋଇଛି। ଗତ କିଛିଦିନ ତଳେ ସୁବର୍ଣ୍ଣରେଖା ନଦୀ ପୋଲ ନିକଟ ଛୋଟଖାନପୁରଠାରେ ଗୋ ଚାଲାଣକୁ ନେଇ ଗଣ୍ଡଗୋଳକୁ ଭିତ୍ତି କରି ଜଳେଶ୍ୱର ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ୫ଟି ପିକ୍‌ଅପ୍‌ରେ ପ୍ରାୟ ୧୦୦ ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଗାଡିଗୁଡ଼ିକ ୫୭ନଂ. ରାଜ୍ୟ ରାଜପଥର ଉପାନ୍ତ ଆମ୍ବଳିଆଠା ଛକଠାରେ ପହଞ୍ଚିଥିବା ବେଳେ ପ୍ରାୟ ଶତାଧିକ ଯୁବକ ପଛପଟୁ ବାଇକ୍‌ରେ ଆସି ଗାଡିଗୁଡ଼ିକୁ ଅଟକାଇଥିଲେ। ପରେ ଜୟଶ୍ରୀରାମ ଧ୍ୱନୀ ଦେଇ ଗାଡିଗୁଡ଼ିକର ଚକକୁ ହାଣି ପକାଇଥିଲେ। ସେଥିରେ ଥିବା ୪ଟି ପିକ୍‌ଅପ୍‌ର ଗୋରୁଗୁଡ଼ିକୁ ମୁକୁଳାଇ ଦେବାରୁ ସେମାନେ ଦୌଡାଦୌଡ଼ି ହୋଇ ପଳାଇଥିଲେ। ପିକ୍‌ଅପ ଡ୍ରାଇଭର ଓ ହେଲପରମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଳେଶ୍ୱର ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଥିବା ଅନ୍ୟ ଗୋଟିଏ ଗୋରୁ ବୋଝେଇ ପିକ୍‌ଅପ୍‌କୁ ପୋଲିସ ଜବତ କରି ସେଥିରେ ଥିବା ୧୭ଟି ଗୋରୁ ମଧ୍ୟରୁ ଜୀବିତ ଥିବା ୧୨ଟିକୁ ଉଦ୍ଧାର କରି ବାଲେଶ୍ୱର ଗୋଶାଳାକୁ ପଠାଇଛି।

## ମହିଳା ସ୍ୱାବଲମ୍ବୀ ହେଲେ ଆର୍ଥିକ ବିକାଶ ସମ୍ଭବ

### ଛତୁ ଚାଷ ପ୍ରଶିକ୍ଷଣ ଶିବିର

ରୂପସା, ୨୬।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଆଙ୍କୋ ପଞ୍ଚାୟତ ଆଘିରିଆ ଗ୍ରାମରେ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ ସହାୟତାରେ 'ଦିଶା' ସ୍ୱେଚ୍ଛାସେବୀ ସଙ୍ଗଠନ ଆନୁକୂଲ୍ୟରେ ଜିପିଏଲ୍‌ଏଫ୍‌ର ସଭ୍ୟାସଭ୍ୟଙ୍କୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା। ମହିଳା ସ୍ୱାବଲମ୍ବୀ ହେଲେ ଆର୍ଥିକ ବିକାଶ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ବାଲେଶ୍ୱର ନାବାର୍ଡ ଡିଡ଼ିଏମ୍ ତାପସ ରଞ୍ଜନ ପ୍ରଧାନ, ମିଶନ ଶକ୍ତି ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଏଫ୍‌ଏଲ୍‌ସି ଜଙ୍ଗେଶ୍ୱର ପ୍ରଧାନ, ଆଙ୍କୋ ଏମ୍‌ବିକେ କୁଞ୍ଜଲତା ବେହେରା, ଜିପିଏଲ୍‌ଏଫ୍ ସଭାପତି ସଂଯୁକ୍ତା ପଣ୍ଡା, ମାଷ୍ଟର ଟ୍ରେନର ପ୍ରମିଳ ଦାସ ପ୍ରମୁଖ ଛତୁଚାଷର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ଜେନା ଶିବିରରେ ସଭାପତିତ୍ୱ କରି ମହିଳାମାନେ ଛତୁ ଚାଷ କରି ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ସଙ୍ଗଠନ ପକ୍ଷରୁ ଅନ୍ତର୍ଯ୍ୟାମୀ, ଉର୍ମିଳା, ସସ୍ମିତା, ସୁମତି ପ୍ରମୁଖ ସହଯୋଗ କରିଥିଲେ।



ମହିଳାଙ୍କୁ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

## ଜିଆର୍‌ଏସ୍‌ଙ୍କ କାର୍ଯ୍ୟଶୈଳୀକୁ ନେଇ ଗୃହରେ ଅସନ୍ତୋଷ

### ଖଇରା ପଞ୍ଚାୟତ ସମିତିର ୭ମ ଅଧିବେଶନ

ଖଇରା, ୨୬।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ୭ମ ଅଧିବେଶନ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ବିଧାୟକ ହସ୍ତକ୍ଷେପ କରି ବୈଠକ ପାଇଁ ବିଧିବଦ୍ଧ ଭାବେ ଅବଗତ କରା ନ ଯିବା ଗୃହର ମର୍ଯ୍ୟାଦା ଭଙ୍ଗ ବୋଲି କହିଥିଲେ। ଖାଦ୍ୟ ଓ ଯୋଗାଣ ବିଭାଗ, ଏମ୍‌ଜିଏନ୍‌ଆରଇଜିଏସ, ସାମାଜିକ ସୁରକ୍ଷା ଓ ମିଶନ ଶକ୍ତି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ତେବେ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆରଏସ୍)ମାନଙ୍କ ପାଇଁ କେବଳ ଏମ୍‌ଜିଏନଆରଇଜିଏସ୍ ନୁହେଁ ପ୍ରାୟ ପ୍ରତ୍ୟେକ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ।





ପଞ୍ଚାୟତ ସମିତିରେ ଉପସ୍ଥିତ ବ୍ଲକ ଅଧିକାରୀ ଓ ଲୋକପ୍ରତିନିଧି।

ଏଣୁ ଅର୍ଦ୍ଧାଧିକ ଲୋକପ୍ରତିନିଧି ସେମାନଙ୍କର ବଦଳି ଦାବି କରିଥିଲେ। ବିଡିଓ ଉତ୍ତମ କୁମାର ଏଥିରେ ସମ୍ମତି ପ୍ରକାଶ କରିଥିଲେ। ବର୍ତ୍ତମାନ ବିଭିନ୍ନ ପଞ୍ଚାୟତରେ ରିଟେଲରମାନଙ୍କୁ ଏକାଧିକ କେନ୍ଦ୍ରର ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ବାଉଁଶଗଡିଆର ବଗେଇପୁର ଭଳି ବହୁ ଗ୍ରାମବାସୀ ଦୂରଦୂରାନ୍ତରୁ ରାଶନ ଆଣିବା ସମ୍ଭବ ହୋଇପାରୁନାହିଁ। ଏଣୁ ଖାଲି ସ୍ଥାନଗୁଡିକର ରାଶନ ବଣ୍ଟନ ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଦେବାକୁ ସରପଞ୍ଚ ଓ ସମିତିସଭ୍ୟମାନେ ଜୋର୍ ଦେଇଥିଲେ। ଅନେକଗୁଡିଏ ପଞ୍ଚାୟତସ୍ତରୀୟ ମହାସଂଘର ସଭାପତି ସମ୍ପାଦିକାଙ୍କ କାର୍ଯ୍ୟକାଳ ପୂରିଯାଇଥିବାରୁ ଏଗୁଡିକର ପୁନର୍ଗଠନ ପାଇଁ ଦାବି କରାଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ସାମଗ୍ରୀ ସିଧାସଳଖ ବାଲେଶ୍ୱରରୁ ଡିଲର ପଏଣ୍ଟକୁ ଯିବାର ନିୟମ ଥିବା ବେଳେ ରାସ୍ତା ମଝିରେ ଏକ ଗୋଦାମ ଭିତରେ କଣ ପାଇଁ ଏହାକୁ ବଦଳାଇ ଲୋକଙ୍କୁ ନିମ୍ନମାନର ଚାଉଳ ଦିଆଯାଉଛି ବୋଲି ୫ ନମ୍ବର ଜୋନ ଜିଲା ପରିଷଦ ପ୍ରଶ୍ନ ଉଠାଇବା ସହ ବିଡିଓ ଓ ଏମ୍‌ଆଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତନା ସେକ୍ଟର ଅଙ୍ଗନୱାଡି ସୁପରଭାଇଜରଙ୍କୁ ହରିପୁର ସେକ୍ଟରକୁ ବଦଳି କରାଯିବା ପରେ ଏହାକୁ ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ କରା ନ ଯିବା ନେଇ ଗୃହରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସିଡିପିଓ ନଳିନୀ ମହାରଣା ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡ଼ା, ତହସିଲଦାର ପ୍ରଶାନ୍ତ ମହାରଣା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ମାନସ କୁମାର, ସଭ୍ୟା ରଶ୍ମିତା ମହାପାତ୍ର, ସୁଷମା ମହାପାତ୍ର ଓ ଏଲଏମ୍ ସଂଯୋଜକ ନିହାର ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ନିଶା ସେବନ କରି ବାଇକ ଚାଳନା ଅଭିଯୋଗରେ ୨ ଗିରଫ**

ଗୋପବନ୍ଧୁ ନଗର, (ଶାନ୍ତନୁ କୁମାର ମଢୁଆଳ): ଉଦଳା - ବାରିପଦା ରାସ୍ତାର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଆଇଆଇସି ସୁଜାତା ଖମାରୀଙ୍କ ନେତୃତ୍ୱରେ ୨ ବାଇକ ଚାଳକଙ୍କୁ ପୋଲିସ ଗିରଫ କରିଛି। ନିଶା ସେବନ କରି ଖୁଣ୍ଟା ଥାନା ଅନ୍ତର୍ଗତ ଖଜୁରୀଡ଼ିହା ଗ୍ରାମର ରତିକାନ୍ତ ନାଏକ (ନଂ. ଓଡି ୧୧ ୭୨୮୦) ଏବଂ ସୁକାନ୍ତ ନାଏକ (ନଂ. ଓଡି ୧୧ ଏମ ୨୭୫୪) ବାଇକ ଚଳାଇ ଘରକୁ ଫେରୁଥିଲେ। ଏସ୍‌ଆଇ ସୁରଜ ପ୍ରଧାନ ଉଭୟଙ୍କୁ ଯାଞ୍ଚ ପରେ ଗିରଫ କରିବା ସହ ଦୁଇ ବାଇକକୁ ଜବତ କରିଛନ୍ତି। ଏ ନେଇ ଥାନାରେ ପୃଥକ ମାମଲା (ନଂ.୨୫୨ ଓ ୨୫୩/୨୩)ରେ ରୁଜୁ ହୋଇଛି।

## ସଂକ୍ଷେପରେ

### ମୋବାଇଲ ଫୋନରେ ହତ୍ୟା ଧମକ ଅଭିଯୁକ୍ତ ଗିରଫ

ରୂପସା, ୨୬।୮(ବାଞ୍ଛାନିଧି ଦେ)- ମୋବାଇଲରେ ହତ୍ୟା ଧମକ ଦେବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ହତ୍ୟା ଧମକ ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଆଘିରିଆ ଗ୍ରାମର ଯୁବକ ଜଗଦୀଶ ଜେନା ଆଙ୍କୋ ଗ୍ରାମର ଅଭୟ ବାରିକଙ୍କୁ ୩ଦିନ ପୂର୍ବରୁ କୌଣସି କଥାକୁ କେନ୍ଦ୍ର କରି ମୋବାଇଲ ଫୋନରେ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ଅଭିଯୋଗକାରୀ ଅଭୟ ଉକ୍ତ ବାର୍ତ୍ତାଳାପକୁ ରେକର୍ଡ଼ିଂ କରି ରୂପସା ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରଫୁଲ୍ଲ ମଲ୍ଲିକ ମାମଲା (ନଂ. ୮୩/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲେ। ପୋଲିସ ଶୁକ୍ରବାର ଅଭିଯୁକ୍ତ ଜଗଦୀଶଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରିଛି। ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଚଳାଇଛି।

### ଅବକାରୀ ଏଏସ୍‌ଆଇଙ୍କ ଅକାଳ ବିୟୋଗ

ପାଟଣା,୨୬।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଅଖିଳ ଚନ୍ଦ୍ର ସର୍ଦ୍ଦାର(୪୨)ଙ୍କ ଶୁକ୍ରବାର ରାତିରେ ଅକାଳ ବିୟୋଗ ଘଟିଛି। ସେ ଅବିବାହିତ ଥିବା ବେଳେ ହୃଦ୍ ଜନିତ ରୋଗରେ ୨ ମାସ ହେବ ପୀଡ଼ିତ ଥିଲେ। ଶୁକ୍ରବାର ଗୁରୁତର ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୈତୃକ ଗ୍ରାମ ସଦର ବ୍ଲକ୍ କୁଶପଦାରେ ଅନ୍ତିମ ସଂସ୍କାର କରାଯାଇଛି।

### ନିଜ ଦରମାରୁ ଭତ୍ତା ପ୍ରଦାନ କଲେ ବିଧାୟକ

ଆଗରପଡ଼ା,୨୬।୮(ସୁଶାନ୍ତ ଦାଶ)- ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ ଯୋଗ୍ୟ ହିତାଧିକାରୀ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ତାଙ୍କ ଦରମାରୁ ମାସିକ ୫ଶହ ଟଙ୍କା ହିସାବରେ ଦୁଇଜଣ ହିତାଧିକାରୀଙ୍କୁ ଶନିବାର ଭତ୍ତା ପ୍ରଦାନ କରିଛନ୍ତି। ବନ୍ତ ବ୍ଲକ ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପୁରୁଷଣ୍ଡ ହବିବନଗରର ସେକ ଅବଦୁଲ ମଜିଦ ଓ ସେକ ରାହେମାନଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଗତ ୨୩ ତାରିଖରେ ପୁରୁଷଣ୍ଡ ପଞ୍ଚାୟତର ୬୪ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଯେଉଁ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ଥିଲେ, ସେମାନଙ୍କର ଭତ୍ତା ହେବା ପର୍ଯ୍ୟନ୍ତ ବିଧାୟକଙ୍କ ଦରମାରୁ ମାସିକ ୫ଶହ ଟଙ୍କା ଭତ୍ତା ଦେବାକୁ ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଉକ୍ତ କାର୍ଯ୍ୟକ୍ରମରେ ଘୋଷଣା କରିଥିଲେ। ଜିଲା ବିଜେଡି ସମ୍ପାଦକ ଜୈନୁଲ ଆବେଦିନ, ଯୁବନେତା ଇସଲାମ ଖାଁ, ସେକ ହାପିଆନ, ସଲିମ ଖାଁ, ନେମାଜି ଖାଁ, ସେକ ମୁରସିଦ୍ ଏବଂ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଭୀଷ୍ମେଶ୍ୱର ଦାସ ଭତ୍ତା ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବାଉଁଶ ଢିରାରେ ଚେକ୍‌ଡ୍ୟାମ୍

## ନିର୍ମାଣର ୧୦ ଦିନରେ ଏକ ପାଖ ଧସିଯାଇଥିଲା

କଣ୍ଟିପାଳ,୨୬।୮ (ସୁଶାନ୍ତ କୁମାର ସାହୁ)

ଚାଷଜମିଗୁଡ଼ିକୁ ଚାଷ ଉପଯୋଗୀ କରିବା ପାଇଁ ସରକାରୀସ୍ତରରେ ଚେକ୍‌ଡ୍ୟାମ୍ ନିର୍ମାଣ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବର୍ଷା ସମୟରେ ନାଳଗୁଡ଼ିକରେ ପ୍ରବାହିତ ଜଳକୁ ଗଚ୍ଛିତ ରଖାଯାଇ ଜମିକୁ ଜଳସେଚନ କରାଯାଇଥାଏ। ମାତ୍ର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଚେକ୍ ଡ୍ୟାମ୍ ନିର୍ମାଣର ୧୦ ଦିନରେ କାନ୍ଥ ଭାଙ୍ଗିଯାଇଥିବା ବେଳେ ଏବେ ଅନ୍ୟ ଏକ କାନ୍ଥକୁ ବାଉଁଶ ଢିରାରେ ରଖାଯାଇଛି। ପୁନର୍ବାର ଉକ୍ତ ଚେକ୍‌ଡ୍ୟାମ୍ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ, କଣ୍ଟିପାଳ ପଞ୍ଚାୟତରେ କଣ୍ଟିପାଳ ଅଁଳାପାଳକୁ ଯିବା ରାସ୍ତାରେ ରହିଥିବା ଚାଷଜମିଗୁଡ଼ିକରେ ଜଳସେଚନର ବ୍ୟବସ୍ଥା ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଥିଲା। ମାତ୍ର ନିର୍ମାଣ ହେବାର ୧୦ ଦିନ ମଧ୍ୟରେ ଚେକ୍ ଡ୍ୟାମ୍‌ର କିଛି ଭାଗ ଧସିଯାଇଥିଲା। ଠିକାଦାରଙ୍କ ସହ ସରକାରୀ ବାବୁମାନଙ୍କ ମଧୁଚନ୍ଦ୍ରିକା ଯୋଗୁ ଜିଓଟ୍ୟାଗ୍ କରା ନ ଯାଇ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଭାଙ୍ଗିଯାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏ ନେଇ ୨୧ ଜୁଲାଇ ୨୦୨୩ରେ ଗଣମାଧ୍ୟମରେ ଖବର ମଧ୍ୟ ପ୍ରସାରଣ ହୋଇଥିଲା। ମାତ୍ର ବିନା ଜିଓଟ୍ୟାଗ୍‌ରେ କାର୍ଯ୍ୟ ହୋଇଥିବାରୁ ବିଲ୍ ପାସ୍ ହୋଇପାରିନାହିଁ। ଫଳରେ ଧସିଯାଇଥିବା ସ୍ଥାନ ମରାମତି ହୋଇ ନ ଥିବା ବେଳେ ଅନ୍ୟ ଏକ ସ୍ଥାନ ଧସିଯାଇଛି। ଉକ୍ତ ସ୍ଥାନରେ ବାଉଁଶ ଢିରା ଦେଇ ରଖାଯାଇଥିବା ଦେଖିବାକୁ ମିଳିଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ଜିତମୋହନ ଟୁଡୁ କହିଛନ୍ତି, କାର୍ଯ୍ୟର ଜିଓଟ୍ୟାଗ୍ ନ ହୋଇ କାର୍ଯ୍ୟ ହୋଇଛି। ତେଣୁ ସେ ବିଷୟରେ କିଛି କହିପାରିବେ ନାହିଁ।



ବାଉଁଶ ଢିରାରେ ରହିଥିବା ୱାଲ।

# ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ଉତ୍ସବରେ ବିଧାୟକଙ୍କୁ ଅଣଦେଖା

## ବଢୁଛି ଅସନ୍ତୋଷ

ବୈଶିଙ୍ଗା,୨୬।୮(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀରେ ନୂତନ ବସ୍‌ଷ୍ଟାଣ୍ଡ ବୁଧବାର ଉଦ୍‌ଘାଟନ ହୋଇଯାଇଛି। ଦୀର୍ଘଦିନ ପରେ ବେତନଟୀଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବେତନଟୀବାସୀ ସ୍ୱାଗତ କରିଥିଲେ ବି ଉତ୍ସବରେ ସ୍ଥାନୀୟ ବିଧାୟକଙ୍କୁ ଅଣଦେଖା କରାଯିବାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରିନାହାନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ଭାବରେ ସନାତନ ବିଜୁଳି ନିର୍ବାଚିତ ହୋଇଥିଲେ। ସେ ନିର୍ବାଚିତ ହେବା ଦିନଠାରୁ ସ୍ଥାନୀୟ ଲୋକେ ବେତନଟୀଠାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ତାଙ୍କୁ ଅନୁରୋଧ କରିଥିଲେ। ପ୍ରସଙ୍ଗକୁ ଭିତ୍ତିକରି ସେ ଓଡ଼ିଶା ବିଧାନସଭାରେ ଏହି ବିଷୟରେ ପ୍ରଶ୍ନ କରି ସରକାରଙ୍କ ନଜରକୁ ଆଣିଥିଲେ। ତେବେ ବିଧାୟକଙ୍କ ପ୍ରସ୍ତାବ ମୁତାବକ ବେତନଟୀଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ବିଧାୟକଙ୍କୁ ଉଦ୍‌ଘାଟନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। ଏ ବିଷୟରେ ବାରିପଦା ପରିବହନ ଅଧିକାରୀ ବିଶ୍ୱ ରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ମୋବାଇଲ ଉଠାଇ ନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି କୁହନ୍ତି, ମୋ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ ହେଉଛି, ମତେ କେହି ନିମନ୍ତ୍ରଣ କରିନାହାନ୍ତି। ଏହା ସରକାରଙ୍କ ହୀନମନ୍ୟତା ବ୍ୟତିତ ଅନ୍ୟ କିଛି ନୁହେଁ ବୋଲି ସେ କହିଥିଲେ।

# ରେଳଲାଇନ୍‌ର ଯୁଗ୍ମ ନିରୀକ୍ଷଣ

## ହାତୀ ସୁରକ୍ଷା ଚିନ୍ତା

କେନ୍ଦୁଝର,୨୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷ କରି ରେଳ ଦୁର୍ଘଟଣାରେ ନୀରିହ ହାତୀଙ୍କ ଜୀବନ ଯାଉଥିବାରୁ ଆଉ ଯେଭଳି ଦୁର୍ଘଟଣା ନ ଘଟେ ସେଥିପ୍ରତି ବନ ବିଭାଗ ଓ ରେଳ ବିଭାଗ ମିଳିତ କାମ କରୁଛନ୍ତି। ଏଥିପାଇଁ ବନ ବିଭାଗ ପକ୍ଷରୁ ରେଳଲାଇନର ଯୁଗ୍ମ ନିରୀକ୍ଷଣ କରି ହାତୀ ଯାତାୟାତ ସ୍ଥାନ ଚିହ୍ନଟ କରିବା ସହ ସେସବୁ ସ୍ଥାନରେ କିଭଳି ଦୁର୍ଘଟଣା ରୋକାଯାଇ ପାରିବ ସେ ନେଇ ଅନୁଧ୍ୟାନ କରୁଛନ୍ତି। ପୂର୍ବତଟ ରେଳଲାଇନ୍ ତୁଳସୀଚଉରାଠାରୁ ସୀତାବଞ୍ଜି ପର୍ଯ୍ୟନ୍ତ ବସନ୍ତପୁର ରେଳ ଷ୍ଟେଶନର କନିଷ୍ଠ ଯନ୍ତ୍ରୀ ଅମିତ କୁମାର ଓ ସଦର ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ ଟ୍ରଲିରେ ବସି ନିରୀକ୍ଷଣ କରିଛନ୍ତି। ପୂର୍ବରୁ ଦୁର୍ଘଟଣା ରୋକିବା ପାଇଁ ଉଭୟ ବିଭାଗ ପକ୍ଷରୁ ଆଲୋଚନା କରି ଟ୍ରେନ ଚଳାଚଳକୁ ନେଇ ଏସ୍‌ଓପି ଜାରି କରାଯାଇଛି।



ଦୁଇ ବିଭାଗର ଅଧିକାରୀ ରେଳ ଲାଇନ ଯାଞ୍ଚ କରୁଛନ୍ତି।

# କବାଟ ଭାଙ୍ଗି ୫୦ ହଜାର, ଅଳଙ୍କାର ନେଇଗଲେ

ପାଟଣା,୨୬।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ତେଣ୍ଡରା ଗ୍ରାମରେ ଶୁକ୍ରବାର ରାତିରେ ଚୋରି ହୋଇଛି। ଗ୍ରାମର ରଞ୍ଜନ ସେଠୀଙ୍କ ପରିବାର ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରର କବାଟ ଭାଙ୍ଗି ଦୁର୍ବୃତ୍ତ ନଗଦ ୫୦ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ରଞ୍ଜନ ପାଟଣା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା(ନଂ. ୧୩୮/୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# 'ଚାଷ, ଚାଷୀଙ୍କୁ ପ୍ରାଥମିକତା ଦିଆଯାଉନି'

## ଭାଜପା କୃଷକ ମୋର୍ଚ୍ଚାର ଅଭିଯୋଗ

ଭଦ୍ରକ,୨୬।୮(ସନାତନ ରାଉତ)

ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ଅଭିଯୋଗ କରି ଭଦ୍ରକ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଉପଜିଲାପାଳ ମନୋଜ କୁମାର ପାତ୍ରଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ଏବେ ଚାଷୀ ବିରୋଧୀ ସରକାର। ଏ ସରକାରରେ ଚାଷ ଓ ଚାଷୀଙ୍କୁ ପ୍ରାଥମିକତା ଦିଆଯାଉ ନାହିଁ ବୋଲି କୃଷକ ମୋର୍ଚ୍ଚା ଅଭିଯୋଗ କରିଛି। ଚାଷୀଙ୍କ ହିତ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇ ଏହା ପୂରଣ ପାଇଁ ରାଜ୍ୟପାଳ ସାମ୍ବିଧାନିକ କ୍ଷମତା ପ୍ରୟୋଗ କରିବାକୁ ଦାବି କରାଯାଇଛି। କୃଷି ଯନ୍ତ୍ରପାତି କିଣାରେ ବ୍ୟାପକ ଦୁର୍ନୀତିର ସିବିଆଇ ତଦନ୍ତ, ରାଜ୍ୟର ଧାନ କିଣାରେ ମଣ୍ଡି ସ୍ତରରୁ ନେଇ ମନ୍ତ୍ରୀ ସ୍ତର ପର୍ଯ୍ୟନ୍ତ ଅବ୍ୟବସ୍ଥା, ଦୁର୍ନୀତିର ସିବିଆଇ ତଦନ୍ତ ଓ ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ କୃଷକ ମୋର୍ଚ୍ଚା ଦାବି କରିଛି। ଭଦ୍ରକ ବିଧାନସଭା କ୍ଷେତ୍ର ନେତା ଡା. ପ୍ରଦୀପ କୁମାର ନାୟକ, ମଙ୍ଗରାଜ ନାୟକ, ଶଙ୍କର୍ଷଣ ଜେନା, ଶରତ ପଡିଆରୀ, ଉପେନ୍ଦ୍ର ରାଉଳ, କାହ୍ନୁଚରଣ ବେହେରା, ସୁରେଶ ସାମଲ, ବିଦ୍ୟାଧର ମୁଦୁଲି, ରମେଶ କୁମାର ଜେନା, ବିକାଶ କୁମାର ପାଢ଼ୀ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସଞ୍ଜିତ୍‌ଙ୍କୁ ପ୍ରକୃତିବନ୍ଧୁ ସମ୍ମାନ

ଧାମନଗର,୨୬।୮(ଦେବେନ୍ଦ୍ର ଆଦିଆ)

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୨୨-୨୩ ପାଇଁ ଯୁବ ସାମାଜିକ କର୍ମୀ ସଞ୍ଜିତ୍ ବେହେରାଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଭଦ୍ରକ ଜିଲା ସମାଜମଙ୍ଗଳ କାର୍ଯ୍ୟାଳୟରେ ଅଧିକାରିଣୀ ପୁଷ୍ପଲତା ପାତ୍ରଙ୍କଠାରୁ ମାନପତ୍ର ଓ ପୁରସ୍କାରରାଶି ସେ ଗ୍ରହଣ କରିଛନ୍ତି। ପଧାନୀ ପଞ୍ଚାୟତ କଣ୍ଟଦା ଗ୍ରାମର ସଞ୍ଜିତ୍ ନିଜ ଅଞ୍ଚଳରେ ପରିବେଶ ସୁରକ୍ଷା ନେଇ ବିଭିନ୍ନ ପଦକ୍ଷେପ ସହ ଚାରାରୋପଣ, ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଥିଲେ। ଏପରିକି ସେ ବିବାହ, ବ୍ରତ ଜନ୍ମଦିନ ଉତ୍ସବରେ ସମସ୍ତଙ୍କୁ ଗୋଟିଏ ଲେଖାଏ ଗଛ ଉପହାର ଦେଇ ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିଥିବାରୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିଧାୟକ ସଞ୍ଜୀବ ମଲ୍ଲିକ, ଡାକ୍ତର ସଞ୍ଜୟ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କଠାରୁ ପ୍ରକୃତିବନ୍ଧୁ ସମ୍ମାନ ଗ୍ରହଣ କରୁଛନ୍ତି ସଞ୍ଜିତ୍ ବେହେରା।

# ବିଦ୍ୟାଳୟ ପରିସରରେ ଚାରାରୋପଣ

ବାଲେଶ୍ୱର, ୨୬।୮(ମାନସ ବିଶ୍ୱାଳ)

ବାଲେଶ୍ୱର ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ଶୋଭାରାମପୁର ୟୁଜିୟୁପି ସ୍କୁଲ ପରିସରରେ ଶନିବାର ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସମ୍ପାଦକ ରାମଚନ୍ଦ୍ର ଦାସ, କୋଷାଧ୍ୟକ୍ଷ କାନନ ବିହାରୀ ଦାସ, ଉପଦେଷ୍ଟା ଗିରିଧାରୀ ବିନ୍ଧାଣୀ, ମୟୂରଚନ୍ଦ୍ର ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବି ଦ୍ୟ । ଳ ୟ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ସାହୁ, ଅରୁନ୍ଧତୀ ରାଉତ, ସୁକାନ୍ତି ମାରାଣ୍ଡି, ଜୟଶ୍ରୀ ମହାନ୍ତି, ପ୍ରଭାତୀ ପଣ୍ଡା, ସୁସ୍ମିତା ରାଉତ, ସସ୍ମିତା ନାୟକ, ଅନୁସୂୟା ସାମଲ, ସଂଯୁକ୍ତା ଆଚାର୍ଯ୍ୟ, ମମତାମୟ ଦାସ, ସୁମିତ୍ରା ସିଂ ତଥା ସଂଘର ଅନ୍ୟାନ୍ୟ ପଦାଧିକାରୀ ଲିଙ୍ଗରାଜ ଦାସ, ରବି ନାରାୟଣ ଭୋଳ, ସତ୍ୟରଞ୍ଜନ ରାଉତ, ରଘୁନାଥ ରଥ, କୃଷ୍ଣଚନ୍ଦ୍ର ଦାସ, ଉପେନ୍ଦ୍ର ମଲ୍ଲିକ ପ୍ରମୁଖ ଚାରାରୋପଣରେ ସହଯୋଗ କରିଥିଲେ।

# 'ଆଲୋଚନା ମାଧ୍ୟମରେ ସମାଧାନ କରିହେବ'

ବାଲେଶ୍ୱର,୨୬।୮(ମାନସ ବିଶ୍ୱାଳ)

ବାଲେଶ୍ୱର ଷ୍ଟେସନ ଛକସ୍ଥିତ ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ଏକ ଇସ୍ପାତ ଶ୍ରମିକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ ମଜଦୁର ସଭା ସଭାପତି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ବାଲେଶ୍ୱରର ଶିଳ୍ପ ଆଗକୁ ନେବା ପାଇଁ ସଂଘ ସର୍ବଦା ଶିଳ୍ପ ଓ ଶ୍ରମିକମାନଙ୍କୁ ସମ୍ମାନ ଦେଇ ଆସୁଛି। ଏବେକାର ପରିସ୍ଥିତିରେ ଶ୍ରମିକ ଏବଂ କର୍ତ୍ତୃପକ୍ଷ ଆଲୋଚନା ମାଧ୍ୟମରେ ସମସ୍ତ ବିବାଦର ସମାଧାନ କରିବା ଆବଶ୍ୟକ। ଆଗାମୀ ଦିନରେ ବିର୍ଲା ଟାୟାର୍ସର ପରିଚାଳନା ପାଇଁ ଆଲୋଚନା ଚାଲୁଛି। ସେହିପରି ସମସ୍ତ ସଙ୍ଗଠନ ଚାହୁଁଛନ୍ତି ଜିଲାରେ ସମସ୍ତ ଶିଳ୍ପାନୁଷ୍ଠାନ କିପରି ଭାବେ ସୁପରିଚାଳିତ ହେବା ଉଚିତ୍। ଏଥିରେ ସମସ୍ତଙ୍କର ସହଯୋଗ ଏବଂ ସହମତି ରହିବା ଉଚିତ୍ ବୋଲି କହିଥିଲେ। ବୈଠକରେ ନରହରି ମହାଳିକ, ସେକ ଶ୍ୟାମସୁଦ୍ଦିନଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏବଂ ବାଲେଶ୍ୱର ଆଲୋୟେଜ୍‌ର କାର୍ଯ୍ୟକାରୀ କମିଟିର ସମସ୍ତ ସଭ୍ୟମାନେ ଯୋଗଦେଇଥିଲେ।

# କାମ ସରିନି, ପିଚୁ ଉଠିଲାଣି

## ରାସ୍ତା ମଝି ଫାଟରେ ଗଛ ପୋତିଲେ ଲୋକେ



ସୁର୍ଜପୁର ଗ୍ରାମ ନିକଟ ରାସ୍ତାରେ ହୋଇଥିବା ଗାତରେ ଲୋକେ ଗଛ ପୋତୁଛନ୍ତି।

ଖଇରା, ୨୬।୮(ଉତ୍କଳବନ୍ଧୁ ପଣ୍ଡା)

ରାଣିତାଲ-କୁପାରୀ ରାସ୍ତାର ସୁର୍ଜପୁର ନିକଟରେ ରାସ୍ତା କାମ ନ ସରୁଣୁ ପିଚୁ ଉଠିଯିବା ଓ ରାସ୍ତା ମଝିରେ ବଡ ବଡ ଗର୍ତ୍ତ ସୃଷ୍ଟି ହେବା ପ୍ରତିବାଦରେ ଗ୍ରାମବାସୀ ଶୁକ୍ରବାର ସକାଳେ ରାସ୍ତା ମଝିରେ ଗଛ ପୋତି ପ୍ରତିବାଦ ଜଣାଇଛନ୍ତି। ଏଷ୍ଟିମେଟରେ ମୋରମ ଥିବା ବେଳେ ଠିକାଦାର ପାହାଡ ମାଟି ଏଥିରେ ବ୍ୟବହାର କରୁଛନ୍ତି। ୧୨କୋଟିର କାମ ୧୨ ଦିନ ନ ଯିବା କାରଣରୁ ରାସ୍ତା ସଂଲଗ୍ନ ଗ୍ରାମଗୁଡିକର ଅଧିବାସୀଙ୍କ ମନରେ ଅସନ୍ତୋଷ ବଢିବାରେ ଲାଗିଛି।

# ମାୟାଧରଙ୍କ ସ୍ମୃତିରେ ସମ୍ବର୍ଦ୍ଧନା

ବାସୁଦେବପୁର, ୨୬।୮
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ମଖଲପୁର ଗ୍ରାମରେ ପୂର୍ବତନ ସରକାରୀ କର୍ମଚାରୀ ସ୍ୱର୍ଗତ ମାୟାଧର ପାଢ଼ୀଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସମ୍ବର୍ଦ୍ଧନା ଓ ଶ୍ରୀମଦ୍ ଭାଗବତ ଗୀତା ପାରାୟଣ କାର୍ଯ୍ୟକ୍ରମ ମାୟାଧର ପାଢ଼ୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ପ୍ରଭାତ ନଳିନୀ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବସନ୍ତ ଦାସ, ଶିକ୍ଷାବିତ୍ ମହେଶ୍ୱର ଦାସ, ପଣ୍ଡିତ ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଡ. ଶୈଳେନ୍ଦ୍ର ନାରାୟଣ ପାଢ଼ୀ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଖବରଦାତା ନାରାୟଣ ପ୍ରସାଦ ବାରିକ, ଶିକ୍ଷାବିତ୍ ବେଣୁଧର ବେହେରାଙ୍କ ସମେତ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ବନମାଳୀ ବାରିକଙ୍କ ସ୍ମୃତିରେ ମାନପତ୍ର ତାଙ୍କ ପୁତ୍ର ପାର୍ଥସାରଥୀଙ୍କୁ ପ୍ରଦାନ କରାଯାଇଥିଲା। ପରିବାରର ବୟୋଜ୍ୟେଷ୍ଠ ଗଭାମଣି ପାଢ଼ୀ ଓ ରାଧାକାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରତ୍ନାକର ପଣ୍ଡା, ସୁଧାକର ଦାସ, ଅଭିରାମ ପାଢ଼ୀ, ଭଗବାନ ପାଢ଼ୀ, ମହେଶ୍ୱର ପାଣିଗ୍ରାହୀ, ଡା. ଶିବପ୍ରସାଦ ପଣ୍ଡା ଶର୍ମା, ଭାଗୀରଥି ମହନୀ, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ଭୋଟର ସଚେତନତା ମହାଅଭିଯାନ କର୍ମଶାଳା

ବାଲେଶ୍ୱର, ୨୬।୮(ମାନସ ବିଶ୍ୱାଳ)

ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ଭାଜପା ବାଲେଶ୍ୱର ନିର୍ବାଚନମଣ୍ଡଳୀ ପକ୍ଷରୁ ଭୋଟର ସଚେତନତା ମହାଅଭିଯାନର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଭୋଟର ତାଲିକା ସଂଶୋଧନ ଏବଂ ଭାଜପା ସଙ୍ଗଠନ ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ଯୁବମୋର୍ଚ୍ଚାର ଉପସଭାପତି ମାନସ କୁମାର ଦତ୍ତ ସଭାପତିତ୍ୱ କରି ଆଗାମୀ ଦିନରେ ନୂତନ ଭୋଟରଙ୍କ ନାମ ତାଲିକାଭୁକ୍ତ କରିବା, ପଞ୍ଚାୟତୱାରୀ ବିଭିନ୍ନ ଜନ ସମସ୍ୟାକୁ ନେଇ ଆନ୍ଦୋଳନ କରିବା ଆଦି ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ କେନ୍ଦ୍ରୀୟ ଯୋଜନାକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚିବା ଦିଗରେ କାର୍ଯ୍ୟକର୍ତ୍ତାମାନେ ସହାୟକ ହୁଅନ୍ତୁ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଷମାରାଣୀ ବିଶ୍ୱାଳ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ସୀତାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦଳକୁ ୨୦୨୪ରେ ବିଜୟଲାଭ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ସଦର ଭାଜପାର ସମସ୍ତ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ପୌରପାଳିକାର ସମସ୍ତ ନିର୍ବାଚିତ କାଉନସିଲର, ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ଆରସିଏମ୍‌ଏସ୍ ସଭାପତି ସର୍ବେଶ୍ୱର ମହାନ୍ତି, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ଗଙ୍ଗାଧର ରାଉତ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ଅନୀଲ ପାତ୍ର, ତପନ ଗିରି ଓ ବିଜୟ ଦାସ, ଅନନ୍ତ ନାୟକ, ମାୟାଧର ପ୍ରଧାନ, ଉପେନ୍ଦ୍ର ନାଥ ଶତପଥୀ, ସର୍ବେଶ୍ୱର ପାତ୍ର, ପର୍ଶୁରାମ ମହାନ୍ତି, ଶ୍ରୀହରି ଶୁକ୍ଳା, ବିବେକାନନ୍ଦ ରାଉତ, ମନ୍ମଥ ପାତ୍ର, ଦିଲୀପ ମାଝି, ଅଶୋକ ଦାସ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଭାଜପା ନେତୃବୃନ୍ଦ।

ପାଟଣା,୨୬।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱରଶିବ ମନ୍ଦିର ସନ୍ନିକଟ କଲ୍ୟାଣ ମଣ୍ଡପରେ ଶନିବାର ଭାଜପାର ପାଟଣା ମଣ୍ଡଳସ୍ତରୀୟ ଭୋଟର ସଚେତନତା ମହାଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ଭାଜପା ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାନେତ୍ରୀ ମମିତା ନାଏକ, ପାଟଣା ବିଧାନସଭା ସଂଯୋଜକ ସୁଦର୍ଶନ ମହାନ୍ତ, ବିଧାନସଭା ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସବୀର ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରହଲ୍ଲାଦ ପଲେଇ, କୃଷକ ମୋର୍ଚ୍ଚା ଜିଲା କୋଷାଧ୍ୟକ୍ଷ ଡମ୍ବରୁଧର ମହାନ୍ତ, ହରିଶ ମହାନ୍ତ ପ୍ରମୁଖ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୁଥ୍‌ସ୍ତରରୁ ରୋଡ୍ ମ୍ୟାପ ପ୍ରସ୍ତୁତ କରିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ନେଇ ଅଗଷ୍ଟ ୩୧ ସୁଦ୍ଧା ପାଟଣା ମଣ୍ଡଳର ସମସ୍ତ ପଞ୍ଚାୟତରେ ବିକ୍ଷୋଭ ସମାବେଶ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ମୋରଡ଼ା,୨୬।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍‌ସ୍ଥିତ ନଳଗଜା ଓ ମାଣିଦା କଲେଜ ସମ୍ମୁଖରେ ଭାରତୀୟ ଜନତା ପାର୍ଟି ତରଫରୁ ଭୋଟର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ ଅଭିଯାନକୁ ଉଦ୍‌ଘାଟନ କରିଥିବା ବେଳେ ଏଥିପାଇଁ ସମସ୍ତ ବୁଥ୍‌ସ୍ତର ଯୋଜନା କରାଯିବା ସହିତ ଉକ୍ତ ଅଭିଯାନରେ ଦଳର ସାଙ୍ଗଠନିକ ଦାୟିତ୍ୱରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ସାମିଲ ଥିଲେ। ଅଭିଯାନରେ ମଣ୍ଡଳ ସଭାପତି ରଣଜିତ ବାରିକ, ପୁରୁଷୋତ୍ତମ ଦେ, ଅରବିନ୍ଦ ଅଧିକାରୀ, ସରୋଜିନୀ କିସ୍କୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

